ଅନ୍ତରଙ୍ଗ ଆଳାପ........

# ଡାକ୍ତର ଧନେଶ୍ୱର ସାହୁ -ନାଟ୍ୟକାର

*(ଡାକ୍ତର ଧନେଶ୍ୱର ସାହୁ, ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଖୋରଧା ଜିଲ୍ଲା ଏବଂ ଜଣେ ବରିଷ୍ଠ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ। ନିକଟରେ 'ଆନ୍ଦୋଳନ' ଅନୁଷ୍ଠାନ ଦ୍ୱାରା ତାଙ୍କର ୪ଟି ନାଟକ ବହି ଉନ୍ମୋଚିତ ହୋଇଛି । ସାମାଜିକ ଘଟଣାକୁ ନେଇ ସଚେତନତା ମୂଳକ ନାଟକ ଲେଖିବା ତାଙ୍କର ନିଶା। କିନ୍ତୁ ପେସା ରୋଗୀ ସେବା କରିବା। ତାଙ୍କ ସହ ସାକ୍ଷାତ କରିଛନ୍ତି ଡ. ପ୍ରମୋଦ ଚନ୍ଦ୍ର ଦାଶ।)*



**୧. ପ୍ରଶ୍ନ-** ସାର, ଆପଣ ଜଣେ ଡାକ୍ତର। ରୋଗୀ ସେବା ନେଇ ବ୍ୟସ୍ତ। କେତେବେଳେ ସମୟ ପାଆନ୍ତି ଲେଖାଲେଖି କରିବାକୁ?

**ଉତ୍ତର :** ରୋଗୀ ସେବା ପରେ ଯେତେବେଳେ ସମୟ ମିଳେ, ପ୍ରାୟତଃ ରାତି ୯ଟା ପରେ ଲେଖାଲେଖି କରିଥାଏ।

**୨. ପ୍ରଶ୍ନ –** ପ୍ରଥମେ ସାହିତ୍ୟ କ୍ଷେତ୍ରକୁ ଆସିବା ପାଇଁ ଆପଣଙ୍କୁ କିଏ ଉତ୍ସାହିତ କରିଥିଲେ ?

**ଉତ୍ତର :** ବି.ଜେ.ବି. ହାଇସ୍କୁଲର ତତ୍‌କାଳୀନ ପ୍ରଧାନଶିକ୍ଷକ ସ୍ୱର୍ଗତ ଦିବ୍ୟସିଂହ ପଟ୍ଟନାୟକ।

**୩. ପ୍ରଶ୍ନ –** ବିଶେଷ କରି ନାଟକ ଲେଖିବା ପାଇଁ ଆପଣ କାହିଁକି ଆଗ୍ରହ ପ୍ରକାଶ କଲେ ?

**ଉତ୍ତର :** ମୁଁ ଭଲ ପଢୁଥିଲି ବୋଲି ମୋତେ ସବୁଥିରେ ଭାଗ ନେବାପାଇଁ ସେ ପ୍ରେରଣା ଦେଉଥିଲେ। ନାଟକରେ ମଧ୍ୟ ଅଭିନୟ କରିବାକୁ କହୁଥିଲେ। ନାଟକରେ ଭଲ ଅଭିନୟ କରିବାରୁ ପ୍ରାଇଜ୍ ପାଇଲି। ତା ପରେ ମୋର ନାଟକ ପ୍ରତି ଆଗ୍ରହ ବଢ଼ିଲା। ସେ ମୋତେ ନାଟକ ସହ ଅନ୍ୟାନ୍ୟ ଲେଖାଲେଖି କରିବାକୁ ପ୍ରେରଣା ଦେଇଥିଲେ। ସେହି ଦିନଠାରୁ ନାଟକ ଲେଖା ଓ ଅନ୍ୟାନ୍ୟ ଲେଖାଲେଖିପାଇଁ ଆଗ୍ରହ ପ୍ରକାଶ କଲି।

**୪. ପ୍ରଶ୍ନ –** ନାଟକ ଲେଖିବା ପରେ ଯଦି ପରିବେଷଣ ନହୁଏ ତେବେ ତାହା ଅଧୁରା ରହିଗଲା ପରି ଜଣା ପଡେ, ତାହା କ'ଣ ସତ ?

**ଉତ୍ତର :** ସତ। କାରଣ ତାହା ଦର୍ଶକମାନଙ୍କ ପାଖରେ ପହଞ୍ଚିପାରେ ନାହିଁ।

**୫. ପ୍ରଶ୍ନ –** ରଙ୍ଗମଞ୍ଚରେ ପରିବେଷଣ ହୋଇଥିବା ଆପଣଙ୍କର ନାଟକ କେବେ ଆପଣ ନିଜେ ଦେଖିଛନ୍ତି ? ଆଉ ଦେଖି ସାରବା ପରେ ଆପଣଙ୍କର ଅନୁଭୂତି କ'ଣ ?

**ଉତ୍ତର :** ଦେଖିଛି। ଯାହା ଲେଖିଛି ତାକୁ ଯଦି କଳାକାରମାନେ ଠିକ୍ ଭାବରେ ଅଭିନୟ କରି ଦର୍ଶକଙ୍କୁ ଆନନ୍ଦ ଦିଅନ୍ତି, ମତେ ବହୁତ ଖୁସି ଲାଗେ ଓ ମୋ ଲେଖା ଫଳପ୍ରଦ ହୋଇଛି ବୋଲି ଭାବେ।

**୬. ପ୍ରଶ୍ନ –** ଆପଣଙ୍କ ଲେଖା 'ଭାଲୁ' ନାଟକଟି ମୁଁ ପଢ଼ିଛି। ସେଥିରେ ମନୁଷ୍ୟ ଏବଂ ପଶୁ ମଧ୍ୟରେ ଯେପରି ଏକ ପୂର୍ବ ସମ୍ପର୍କ ଥିଲା ପରି ଲାଗେ।

> **ଯିଏ ମଣିଷପରି ମଣିଷ ସେ ଡାକ୍ତର ହେଲେ କେବେହେଲେ ରୋଗୀ ସେବାରେ ଧନୀ ଗରିବ ପ୍ରଭେଦ ରଖେନା। କୌଣସି ଡାକ୍ତର କେବେ ଚାହେଁନା ତା ରୋଗୀ ଭଲ ନହେଉ।**

ଏହି ଘଟଣାଟି ଆମ ଓଡ଼ିଶାରେ ଘଟିଛି। ଏହାକୁ ନେଇ କାହିଁକି ଆପଣ ଏପରି ନାଟକ ଲେଖିଲେ।

**ଉତ୍ତର :** ଲୋକ ସଚେତନତା ସୃଷ୍ଟି କରିବା ପାଇଁ। ସମ୍ବିଧାନକୁ କିଛି ପ୍ରଶ୍ନ କରିବା ପାଇଁ। ଯେତେବେଳେ ମଣିଷ ମଣିଷ ଭିତରେ ଭଲ ସଂପର୍କ ରହି ପାରୁନି, ସେତିକିବେଳେ ମଣିଷ ପଶୁ ଭିତରେ ଯିଏ ସ୍ନେହ ମମତା ଦେଇ ସଂପର୍କ ସ୍ଥାପନ କଲା ତାର ଦୋଷ କେଉଁଠି ? ଏ ଆଇନ କଣ ତା' ଘର ଓ ଜଙ୍ଗଲ ଭିତରେ ବାଡ଼ ସୃଷ୍ଟି କରି ପାରିବ ? ଯେଉଁ ଭଲ ପାଇବା ପାଇଁ ସାରା ଓଡ଼ିଶାରେ ଚହଳ ପଡ଼ିଲା ଓ ନିଜେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଭାଲୁ ପାଳିବା ଲୋକକୁ ଜେଲରୁ ମୁକ୍ତି ମିଳିଲା, ସେ ଭଳି ଏକ ସମ୍ବେଦନଶୀଳ ବିଷୟକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରଖି ନାଟକ ଲେଖିଲି। ଜଙ୍ଗଲି ଭାଲୁଠାରୁ ମଣିଷଭାଲୁ ଭାରି ହିଂସ୍ର। ଭାଲୁ ପାଳିବା ଲୋକର

ମାନସିକ ପରିବର୍ତ୍ତନ ପାଇଁ ଦାୟୀ କିଏ ?

**୭. ପ୍ରଶ୍ନ –** ମଞ୍ଚ ନାଟକ ପ୍ରତି ଲୋକଙ୍କ ଆଗ୍ରହ ଏବେ କମୁଛି। ତଥାପି ଅପେରା ପାଇଁ ଲୋକଙ୍କ ଆଗ୍ରହ ବଢୁଛି। ମଞ୍ଚ ନାଟକ ପାଇଁ ଏବଂ ଏହାର ବିକାଶ ପାଇଁ ଆପଣ କ'ଣ କହିବେ ?

**ଉତ୍ତର :** ସମସ୍ତ କଳାକାରମାନେ ଏକଯୁଟ ହୋଇ ଉଦ୍ୟମ କଲେ ମଂଚ ନାଟକର ବିକାଶ ନିଶ୍ଚୟ ହେବ।



**୮. ପ୍ରଶ୍ନ –** କଳାକାରଙ୍କ ଅବସ୍ଥା ଆପଣ ଜାଣିଥିବେ କେତେକ ମୁଷ୍ଟିମେୟ କଳାକାରଙ୍କର ସମାଜରେ ଆଦର ଅଛି ଏବଂ ସେମାନେ ଭଲ ପାରିଶ୍ରମିକ ପାଆନ୍ତି ମାତ୍ର ଅନ୍ୟମାନେ ନିଜ ହାତରୁ ଖର୍ଚ୍ଚ କରି ନାଚନ୍ତି। ଏମିତି କେତେଦିନ ଚାଲିବ ?

**ଉତ୍ତର :** ସମସ୍ତ କଳାକାରଙ୍କୁ ସମାନ ଭାବରେ ଦେଖିବା ଉଚିତ। ଏଥିରେ ରାଜନୀତିର ସ୍ଥାନ ନାହିଁ। ଅଧିକାଂଶ କଳାକାରଙ୍କ ଅବସ୍ଥା ଭଲ ନୁହେଁ, ତଥାପି କଳା ବଞ୍ଚିବ, କଳାର ଲୋପ ହୋଇପାରିବନି। ସରକାରଙ୍କ ନିକଟରେ ଉପଯୁକ୍ତ ଦାବି ଉପସ୍ଥାପନ କରି କେତେକ ମୁଷ୍ଟିମେୟଙ୍କ ବ୍ୟତିତ ଅନ୍ୟ କଳାକାରମାନେ ଯେପରି ସମାଜରେ ଆଦର ପାଇବେ ଓ ପାରିଶ୍ରମିକ ପାଇବେ ସେଥିପାଇଁ ଚେଷ୍ଟା କରିବା ଉଚିତ। ମୁଷ୍ଟିମେୟ କଳାକାରଙ୍କର ରାଜୁତି ଆଉ ବେଶୀଦିନ ଚାଲିପାରିବନି। ଦିନ ଆସିବ ନିଶ୍ଚୟ ପରିବର୍ତ୍ତନ ହେବ।

**୯. ପ୍ରଶ୍ନ –** ସମାଜର ବାସ୍ତବତାକୁ ନେଇ ଆପଣ ନାଟକ ଲେଖନ୍ତି। ଆଉ ତାର ଆଦର ବି ଅଛି। ଆପଣଙ୍କର ପେସାରେ ସମାଜରେ ରୋଗୀମାନେ ସତରେ କଣ ଡାକ୍ତରଙ୍କଠାରୁ ଉପଯୁକ୍ତ ରୋଗୀସେବା ପାଉଛନ୍ତି ? ଯଦି ପାଉ ନାହାଁନ୍ତି ସେମାନଙ୍କୁ ସଚେତନ କରିବା ପାଇଁ ଆପଣ କାହିଁ କି ନାଟକ ଲେଖୁ ନାହାଁନ୍ତ ?

**ଉତ୍ତର :** କହିବାକୁ ଗଲେ ଯେଉଁମାନେ ମଣିଷ ପରି ମଣିଷଟିଏ ଆଉ ପେସାରେ ଡାକ୍ତର ସେ ନିଶ୍ଚୟ ତା କର୍ମକ୍ଷେତ୍ରରେ ରୋଗୀମାନଙ୍କୁ ଉପଯୁକ୍ତ ସେବା ଦିଅନ୍ତି। ପାଂଚ ଆଙ୍ଗୁଠି ସମାନ ନୁହେଁ। ଏମିତି କିଛି ଲୋକ ସମାଜରେ ଅଛନ୍ତି ଯେଉଁମାନେ ସବୁକ୍ଷେତ୍ରରେ ନିଜ ସ୍ୱାର୍ଥ ଦେଖନ୍ତି। ମୁଁ ଭବିଷ୍ୟତରେ ଚେଷ୍ଟା କରିବି ଯେଉଁମାନେ ନିଜ କର୍ତ୍ତବ୍ୟ ଠିକ୍ ଭାବରେ କରୁନାହାଁନ୍ତି, ସେମାନଙ୍କୁ ସଚେତନ କରିବାକୁ ନାଟକ ଲେଖିବି।

**୧୦. ପ୍ରଶ୍ନ –** ସମାଜରେ ଡାକ୍ତରଙ୍କୁ ଆମେ ଦେବତାରୂପେ ଦେଖୁ। ସେମାନେ ଜୀବନ୍ତ ଠାକୁର। ତାଙ୍କର ଟିକିଏ ମିଠାକଥା ଲୋଗୀକୁ ଅନେକ ଆଶ୍ୱାସନା ଦେଇଥାଏ। ମାତ୍ର ଦେଖାଯାଏ ଗରିବଘରର ରୋଗୀଟିଏ ସେବା ତ ଦୂରର କଥା ସରକାରୀ ଡାକ୍ତରଖାନରେ ଯେପରି ଅବସ୍ଥାରେ ଥାଏ ତାକୁ ଦେଖିଲେ ଭଗବାନ ଭରସା ବୋଲି ଭାବୁ। ଅନେକ ଡାକ୍ତରଙ୍କର ମାନସିକତା ନାହିଁ ରୋଗୀର ପ୍ରକୃତ ସେବା କରିବା। ଏମାନଙ୍କର ମାନସିକତାକୁ ନେଇ ନାଟକ ଲେଖିବେକି ?

**ଉତ୍ତର :** ଯିଏ ମଣିଷପରି ମଣିଷ ସେ ଡାକ୍ତର ହେଲେ କେବେହେଲେ ରୋଗୀ ସେବାରେ ଧନୀ ଗରିବ ପ୍ରଭେଦ ରଖେନା। ତା ନିକଟରେ ସମସ୍ତେ ସମାନ। କୌଣସି ଡାକ୍ତର କେବେ ଚାହେଁନା ତା ରୋଗୀ ଭଲ ନହେଉ। ତା'ରୋଗୀ ଭଲ ହେଲେ ଅନ୍ୟ ରୋଗୀମାନେ ତା ପାଖକୁ ଆସିବେ। ଏବେ ଦିନକୁ ଦିନ ସରକାରୀ ଡାକ୍ତରଖାନାର ଅଭାବ ସରକାର ପୂରଣ କରୁଛନ୍ତି। ସବୁ ବିଭାଗରେ କିଛି କିଛି ଅଲଗା ଲୋକ ଥାଆନ୍ତି। ଯେଉଁମାନଙ୍କର ପ୍ରକୃତ ସେବା କରିବାର ମାନସିକତା ନାହିଁ, ସେମାନଙ୍କୁ ପରିବର୍ତ୍ତନ ପାଇଁ ଭବିଷ୍ୟତରେ ନାଟକ ମାଧ୍ୟମରେ ସଚେତନ କରାଇବି।.

**୧୧. ପ୍ରଶ୍ନ –** ଆପଣଙ୍କର ପେସା କଥା ପଚାରିବି , ଆପଣ କେବେ ଡାକ୍ତରୀସେବାରେ ଅଧିକ ଆନନ୍ଦ ପାଇଛନ୍ତି ଓ କାହିଁକି ?

**ଉତ୍ତର :** ମୁଁ ଜୀବନରେ ଶଲ୍ୟ ବିଶେଷଜ୍ଞ ଡାକ୍ତରଭାବରେ ନୟାଗଡ଼ରେ ଥିବା ସମୟରେ ଗୋଟିଏ ଛୁରାଭୁଷା ରୋଗୀକୁ ଦୀର୍ଘ ସମୟ ପ୍ରାୟ ୫ ଘଣ୍ଟା ଅପେରେସନ୍ କରି ତାର ଜୀବନ ବଂଚାଇ ପାରିଥିବାରୁ ସେ ଦିନ ଅତ୍ୟଧିକ ଆନନ୍ଦ ଅନୁଭବ କରିଥିଲି। ତା ଛଡ଼ା ସିରିଅସ୍ ରୋଗୀ ଅପେରେସନ୍ ପରେ ବଞ୍ଚିଗଲେ ବହୁତ ଆନନ୍ଦ ମିଳେ। ସେ ଗୁଡ଼ିକ ପ୍ରକାଶ କରିହେବନି।

**୧୨. ପ୍ରଶ୍ନ –** ଆପଣଙ୍କର ଯୁବଡାକ୍ତର ବନ୍ଧୁମାନଙ୍କୁ କ'ଣ କହିବେ ?

**ଉତ୍ତର :** ଯୁବ ଡାକ୍ତରମାନଙ୍କୁ ଏତିକି କହିବି, ଯେଉଁ ଉଦ୍ଦେଶ୍ୟନେଇ ଡାକ୍ତରୀପାଠ ପଢ଼ିଛନ୍ତି ସେ ଉଦ୍ଦେଶ୍ୟ ପୂର୍ଣ୍ଣ କରନ୍ତୁ। ଠିକ୍ ସମୟରେ ଡାକ୍ତରଖାନାକୁ ଯାଆନ୍ତୁ। ରୋଗୀକୁ ଉପଯୁକ୍ତ ସମୟଦେଇ ଉପଯୁକ୍ତ ଚିକିତ୍ସା କରନ୍ତୁ। ସ୍ୱାର୍ଥ

ତ୍ୟାଗ କରି ମାନବ ସେବା, ମାଧବ ସେବା ଭାବି କାମ କରନ୍ତୁ।

**୧୩. ପ୍ରଶ୍ନ** - ଦେଖାଯାଉଛି ପ୍ରାୟତଃ ଡାକ୍ତରଖାନାରେ ସବୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଔଷଧପତ୍ର ଥାଇବି ତାର ସଦୁପଯୋଗ ହୋଇପାରୁନି। ଏଥିପାଇଁ ଚିକିତ୍ସାଳୟର ମୁଖ୍ୟ ନା ଡାକ୍ତରମାନେ ଦାୟୀ ?

**ଉତ୍ତର :** ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ପାଇଁ ସ୍ପେସିଆଲିଷ୍ଟ ଡାକ୍ତର ଦରକାର। କିନ୍ତୁ ବର୍ତ୍ତମାନ ଡାକ୍ତରଙ୍କର ଅଭାବ ଯୋଗୁ ବିଭିନ୍ନ ଜାଗାରେ ଅତ୍ୟାଧୁନିକ ଯନ୍ତ୍ରପାତି ଥିଲେବି ବ୍ୟବହାର ହୋଇ ପାରୁନାହିଁ। ସରକାର ଚେଷ୍ଟା କରୁଛନ୍ତି ସେ ସ୍ପେସାଲିଷ୍ଟମାନଙ୍କୁ ଦେବାପାଇଁ। ଏବେ ପ୍ରାୟ ସବୁ ଡାକ୍ତରଖାନାରେ ଭଲଭଲ ଔଷଧ ଆସୁଛି ଓ ସବୁ ଔଷଧର ସଦୁପଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ମୁଁ ଆଗରୁ କହିଛି ସ୍ୱାର୍ଥ ତ୍ୟାଗ କଲେ ସବୁର ସମାଧାନ ସମ୍ଭବ। କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କୁ ସତର୍କ ଦୃଷ୍ଟି ରଖିବାକୁ ପଡୁଛି। ଚିକିତ୍ସାଳୟର ମୁଖ୍ୟ କେବେ ଚାହିଁବେନି ତାଙ୍କ ଡାକ୍ତରଖାନାର ବଦନାମ ହେଉ।

**୧୪. ପ୍ରଶ୍ନ** - ସରକାରୀ ଡାକ୍ତରଖାନରେ ସବୁ ସୁବିଧା ଥାଇବି ଘରୋଇ ଡାକ୍ତରଖାନାକୁ ରୋଗୀକୁ ସ୍ଥାନାନ୍ତରିତ କରିବାର ଉଦ୍ଦେଶ୍ୟ କ'ଣ ?

**ଉତ୍ତର :** ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ,କ୍ୟାବିନର ଅଭାବ ଯୋଗୁ ଲୋକ ଘରୋଇ ଡାକ୍ତରଖାନା ଯାଉଛନ୍ତି। ଏବେ ସେ ସବୁ ଜଗିବାପାଇଁ ସତର୍କ ଦୃଷ୍ଟି ରଖାଯାଉଛି।

**୧୫. ପ୍ରଶ୍ନ** - ଜଣେ ଭଲ ଡାକ୍ତର ଓ ଭଲ ପ୍ରଶାସକ ଭାବରେ ଆପଣ ପରିଚିତ। ଜୀବନରେ ଭଲ ଡାକ୍ତର ହିସାବରେ ଆପଣ ଏ ସମାଜର କ'ଣ ଉପକାର କରିବାକୁ ଚିନ୍ତା କରିଛନ୍ତି ?


**ଉତ୍ତର :** ରୋଗୀମାନଙ୍କ ସେବାରେ ବାକି ଜୀବନକୁ ଉତ୍ସର୍ଗ କରିବି।

**୧୬. ପ୍ରଶ୍ନ** - ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ଡାକ୍ତରୀ ସେବାରେ ଏବଂ ନାଟକ ଲେଖିବା ସମୟରେ ଆପଣଙ୍କ ଧର୍ମପତ୍ନୀ ଆପଣଙ୍କ ଉପରେ ବିରକ୍ତ ହେଉଥିବେ। ଆପଣ ସେସବୁ କିପରି ସାମନା କରନ୍ତି ?

**ଉତ୍ତର :** ସେମିତି ସେ ବିରକ୍ତ ହୁଅନ୍ତି ନାହିଁ। କଷ୍ଟମୟ ଚାକିରୀ ଜୀବନରେ ନିଜକୁ ଶାନ୍ତି ଦେବାପାଇଁ ମୁଁ ଲେଖା ଲେଖି କରିଥାଏ। ପ୍ରଥମେ ସେ ବ୍ୟସ୍ତ ହେଉଥିଲେ କଷ୍ଟକରି ଆସିଲା ପରେ ଟିକିଏ ରେଷ୍ଟ ନେବାପାଇଁ। ଯେତେବେଳେ ସେ ଜାଣିଲେ ନାଟକ ଲେଖିବାକୁ ମୁଁ ଭଲ ପାଏ ଓ ସେଥିରୁ ଆନନ୍ଦ ପାଏ, ସେତେବେଳେ ସେ ଲେଖିବାପାଇଁ ପ୍ରେରଣା ଦେଇଥାନ୍ତି ଓ ବିଷୟବସ୍ତୁର କିଛି ପରିବର୍ତ୍ତନ କରିବାକୁ ମତାମତ ଦେଇଥାନ୍ତି।

ପ୍ରମୋଦ ଚନ୍ଦ୍ର ଦାଶ - 'ଆମରି ସତ୍ୟ' ପତ୍ରିକାକୁ ଏକ ସାକ୍ଷାତକାର ଦେଇଥିବାରୁ ଆମରିସତ୍ୟ ପରିବାର ତରଫରୁ ଆପଣଙ୍କୁ ଧନ୍ୟବାଦ। ରୋଗୀସେବା, ସମାଜସେବା ଏବଂ ସାହିତ୍ୟସେବାରେ ଆପଣଙ୍କର ସମୟ ଅତିବାହିତ ହେଉ ଏବଂ ସମାଜ ଆପଣଙ୍କ ଲେଖାରୁ ଅନେକ କିଛି ଶିଖୁ। ନମସ୍କାର।

# ପଞ୍ଚ ପ୍ରତିଷ୍ଠା ପ୍ରମାଣ



ସଂଗ୍ରାହକ - **ପଦ୍ମନାଭ ମିଶ୍ର**

*ଗଲାଥରର ଅବଶିଷ୍ଟାଂଶ....*

**ପଞ୍ଚପାଣ୍ଡବ** - ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ

**ପଞ୍ଚସଖା - ସାରଳା ଯୁଗ** - ସାରଳା ଦାସ, ମାର୍କଣ୍ଡ ଦାସ, ବତ୍ସା ଦାସ, ଅର୍ଜୁନ ଦାସ, ଦେବ ଦୁର୍ଲ୍ଲଭ ଦାସ

**ପଞ୍ଚସଖା - ଧର୍ମ ଯୁଗ** - ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅଚ୍ୟୁତ, ଶିଶୁ ଅନନ୍ତ

**ପଞ୍ଚସଖା** - ରୀତି ଯୁଗ - କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନ କୃଷ୍ଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତ ଚରଣ ଦାସ ଅଭିମନ୍ୟୁ ସାମନ୍ତ ସିଂହାର,

**ପଞ୍ଚସଖା** - ସତ୍ୟବାଦୀ ଯୁଗ - ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ,ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ଦାସ

**ପଞ୍ଚସଖା** - ଆଧୁନିକ ଯୁଗ - କବିବର ରାଧାନାଥ ରାୟ, ଫକିର ମୋହନ ସେନାପତି, ଭକ୍ତ କବି ମଧୁସୂଦନ ରାଓ, ସ୍ୱଭାବ କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦ କିଶୋର ବଳ

**ପଞ୍ଚସଖା** - ସବୁଜ ଯୁଗ - ଅନ୍ନଦା ଶଙ୍କର ରାୟ, ଶରତ ଚନ୍ଦ୍ର ମୁଖାର୍ଜୀ ବୈକୁଣ୍ଠ ନାଥ ପଟ୍ଟନାୟକ, କାଳନ୍ଦୀ ଚରଣ ପାଣିଗ୍ରାହୀ, ହରିହର ମହାପାତ୍ର।

**ପଞ୍ଚସଖା** - ଆଧୁନିକ ଯୁଗ - ଅନନ୍ତ ଚରଣ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ସଚ୍ଚିଦାନନ୍ଦ ରାଉତରାୟ, ଭାନୁଜୀ ରାଓ, ଗୁରୁପ୍ରସାଦ ମହାନ୍ତି

**ପଞ୍ଚସଖା**- ମଧ ପଞ୍ଚ ସାରସ୍ୱତ ରତ୍ନ -

୧. ପୁରୀ ଗଜପତି ମହାରାଜା ନାରାୟଣ ଦେବ,
୨. ଘୁମସର ରାଜକୁମାର ଉପେନ୍ଦ୍ର ଭଞ୍ଜ,
୩. ମୟୁରଭଞ୍ଜ ରାଜା ରଘୁନାଥ ଭଞ୍ଜ,
୪. ନୟାଗଡ଼ ରାଜା ତ୍ରିବିକ୍ରମ ମାନଧାତା,
୫. ଧରାକୋଟ ରାଜା କୃଷ୍ଣ ସିଂହ।

**ଅର୍ଚିଡ୍ -୧୦୧, ସାଲିମାର ଟାଉନସିପ୍**
**ଏବିରୋଡ୍, ଇନ୍ଦୋର,ମଧ୍ୟପ୍ରଦେ. ପିନ୍- ୪୫୨୦୧୦**
**ମୋ-୯୪୦୬୨୧୦୩୦୦**